



# ଭୂମିହୀନ ହିତାଧିକାରୀମାନଙ୍କୁ
# 'କାଳିଆ' ଯୋଜନାରେ
# ବାଡ଼ି ଅଗଣାରେ
# କୁକୁଡ଼ା ପାଳନ ପାଇଁ ସହାୟତା




**ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା**

ମଙ୍ଗଳାବାଗ, କଟକ - ୭୫୩୦୦୧

ଫୋନ: ୦୬୭୧ - ୨୪୧୪୬୨୯

Email: dahvsorissa@gmail.com, Website: www.odishaahvs.com

# ବାଡ଼ି ଅଗଣାରେ  କୁକୁଡ଼ା ପାଳନ

- କୁକୁଡ଼ା ପାଳନ ରାଜ୍ୟର ଭୂମିହୀନ, ଚାଷୀମାନଙ୍କ ପାଇଁ ଏକ ଅନୁରୂପକ ରୋଜଗାରର ପନ୍ଥା ।
- ବାଡ଼ି ଅଗଣାରେ କୁକୁଡ଼ା ପାଳନ ମାଧ୍ୟମରେ ଭୂମିହୀନ ଚାଷୀ ରୋଜଗାରକ୍ଷମ ହେବା ସହିତ ନିଜ ପରିବାରରେ ଅଣ୍ଡା ଓ ମାଂସ ବ୍ୟବହାର କରି ପୁଷ୍ଟିହୀନତାକୁ ଦୂର କରିପାରିବେ ।
- ଉତ୍ପାଦିତ ବଳକା ଅଣ୍ଡା ନିକଟସ୍ଥ ଅଙ୍ଗନବାଡି କେନ୍ଦ୍ର ବା ସ୍କୁଲରେ ମଧାହ୍ନ ଭୋଜନରେ ବ୍ୟବହାର ପାଇଁ ବିକ୍ରି କରାଯାଇପାରିବ ।
- ବିଭାଗର ପ୍ରାଣୀଚିକିତ୍ସକ ଓ ପ୍ରାଣୀ ନିରୀକ୍ଷକମାନଙ୍କ ଦ୍ୱାରା ଓ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା ଦ୍ୱାରା ଆବଶ୍ୟକିୟ ସ୍ୱାସ୍ଥ୍ୟସେବା, ଟିକାକରଣ ଓ ପରାମର୍ଶ ଯୋଗାଇ ଦିଆଯିବ ।
- ଏହି ଯୋଜନା ମାଧ୍ୟମରେ ୨୮ ଦିନିଆ ବନରାଜା, ଛାବ୍ରୋ, କ୍ରଏଲର,ରେନବୋ ରୁଷ୍ଟର କୁକୁଡା ଇତ୍ୟାଦି ଯୋଗାଇ ଦିଆଯିବ ।
- ଏହି ପ୍ରଜାତିର କୁକୁଡ଼ା ଉଭୟ ମାଂସ ଓ ଅଣ୍ଡା ଉତ୍ପାଦନ ପାଇଁ ପାଳନ କରାଯାଏ । ଏମାନେ ବର୍ଷକୁ ୧୪୦ ରୁ ୧୬୦ ଟି ଅଣ୍ଡା ଦେଇଥାନ୍ତି ।
- ଏମାନଙ୍କ ପାଇଁ ଉନ୍ନତ ମାନର ଘର ଆବଶ୍ୟକତା ନାହିଁ । ଅଳ୍ପ ଖର୍ଚ୍ଚରେ ନିଜ ଅଂଚଳରେ ଉପଲବ୍ଧ ସାମଗ୍ରୀକୁ ବ୍ୟବହାର କରି କୁକୁଡା ଘର ତିଆରି କରାଯାଇପାରିବ ।
- ସାଧାରଣତଃ କୀଟ ପତଙ୍ଗ, ପୋକ, ଯୋକ, ଘରର ପରିବା ଚୋପା, ବଳକା ଖାଦ୍ୟ, କଅଁଳ ଘାସ ପତ୍ର, ଶାଗ, କୁଣ୍ଡା, ଶସ୍ୟର ଚୋପା, ମକା, ଗହମ ଗୁଣ୍ଡ, ଚୂଡ଼ା ଗୁଣ୍ଡ, ମାଣ୍ଡିଆ ଇତ୍ୟାଦିକୁ କୁକୁଡ଼ା ଖାଦ୍ୟରୂପେ ବ୍ୟବହାର କରାଯାଇପାରିବ ।
- ଏହି କୁକୁଡ଼ା ସାଧାରତଃ ସହଜରେ ରୋଗାକ୍ରାନ୍ତ ହୁଅନ୍ତି ନାହିଁ । କେତେକ ସାଧାରଣ ରୋଗ ଯଥା ଘୁମା ରୋଗ, ଗୁମ୍ଫୋର ରୋଗ, କୁକୁଡ଼ା ବସନ୍ତ, କୃମି ରୋଗ ହୋଇଥାଏ । ତେଣୁ ନିୟମିତ ଟୀକାକରଣ କରିବା ଉଚିତ୍ ।

| ବିବରଣୀ | ଖର୍ଚ୍ଚ (ଟଙ୍କାରେ) |
|---|---|
| ୬୦ ଟି ୨୮ ଦିନିଆ କୁକୁଡ଼ା ଚିଆଁ (ଟ. ୬୫/- ପ୍ରତି ଚିଆଁ) | ଟ. ୩,୯୦୦/- |
| ପ୍ରଥମ ୮ ସପ୍ତାହ ଦାନା ଖର୍ଚ୍ଚ | ଟ. ୫,୦୦୦/- |
| ଉପକରଣ ଓ ରାତ୍ରରହଣୀ ପାଇଁ ବାସଗୃହ | ଟ. ୩,୬୦୦/- |
| **ମୋଟ ସହାୟତା** | **ଟ. ୧୨,୫୦୦/-** |

## ବାର୍ଷିକ ଆୟ

| | |
|---|---|
| ଅଣ୍ଡା ବିକ୍ରି ଦ୍ୱାରା ୧୪୦ ଟି ଅଣ୍ଡା କୁକୁଡ଼ା ପ୍ରତି (୫ ଟ. ଅଣ୍ଡା ପ୍ରତି) | ଟ. ୧୮,୯୦୦/- |
| ଅଣ୍ଡିରା କୁକୁଡ଼ା (ଗଞ୍ଜା) ବିକ୍ରି ୨୭ଟି ୨.୫ କି.ଗ୍ରା ଓଜନ ୪ ମାସ ପରେ ଟ. ୧୦୦/- ପ୍ରତି କି.ଗ୍ରା | ଟ. ୬,୭୫୦/- |
| ଅଣ୍ଡା ଦେବାପରେ ମାଇ କୁକୁଡ଼ା ବିକ୍ରି ୨୭ ଟି ଟ. ୨୦୦ କୁକୁଡ଼ା ପ୍ରତି | ଟ. ୫,୪୦୦/- |
| କୁକୁଡ଼ା ଖତ | ଟ.   ୨୦୦/- |
| **ମୋଟ ଲାଭ** | **ଟ. ୩୧,୨୫୦/-** |

# ଦକ୍ଷତା ବୃଦ୍ଧି ସୂଚନା

### ଉତ୍ପାଦନ ପୂର୍ବ ପର୍ଯ୍ୟାୟ

- ୨ମାସ କୁକୁଡା ପାଳିବା ପରେ ଗଂଜା ବିକ୍ରି କରିପାରିବେ .
- ୬ ମାସ ବେଳକୁ ମାଈ କୁକୁଡା ଅଣ୍ଡା ଦେବ

### ନିରପେକ୍ଷ ସଂସ୍ଥାର ଭୂମିକା

- ୪ ସପ୍ତାହ କୁକୁଡା ଚିଆଁ ଯୋଗାଣ
- ଅଣ୍ଡା ଓ କୁକୁଡା ମାଂସ ବିକ୍ରି
- ପ୍ରାଣୀମିତ୍ର ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ହିତାଧିକାରୀଙ୍କୁ ପରାମର୍ଶ ଓ ସମୟୋପଯୋଗୀ ସହାୟତା

### ଆନୁସଙ୍ଗିକ ଆବଶ୍ୟକତା

- ଶୁଖିଲା ଅଂଚଳ, ବନ୍ୟଜନ୍ତୁ ପ୍ରାଦୁର୍ଭାବ କମ୍ ଅଂଚଳ
- ଚରିବୁଲି ଖାଦ୍ୟ ସଂଗ୍ରହ ପାଇଁ ପର୍ଯ୍ୟାପ୍ତ ସୁବିଧା

### ସୁପାରିଶ

- ଜଗାରଖା କରିବାକୁ ପରିବାରର ଜଣେ ସଦସ୍ୟ ଦାୟିତ୍ୱ ନେବା ଆବଶ୍ୟକ
- ଗାଁ ପାଖରେ ଜଙ୍ଗଲ ନଥିବା ବିଧେୟ

### ଆବଶ୍ୟକଦକ୍ଷତା

- ନିଜ ଅଂଚଳରେ ମିଳୁଥିବା ଉପାଦାନକୁ ବ୍ୟବହାର କରି କୁକୁଡା ଖାଦ୍ୟ ପ୍ରସ୍ତୁତି
- ରୋଗର ଲକ୍ଷଣ ଦେଖି ପ୍ରାରମ୍ଭିକ ଚିହ୍ନଟ
- ଅଣ୍ଡା ସଂଗ୍ରହ ଓ ସାଇତିବା ଉପାୟ

### ଆଶଙ୍କା

- ବନ୍ୟଜନ୍ତୁ ପ୍ରାଦୁର୍ଭାବ
- ସଂକ୍ରାମକ ରୋଗ- କୁକୁଡା ମରୁଡି, କୁକୁଡା ବସନ୍ତ

### ବ୍ୟୟ ଅଟକଳ

୬୦ ଟି ୨୮ ଦିନିଆ କୁକୁଡ଼ା ଚିଆଁ - ଟ. ୩,୯୦୦/-

ପ୍ରଥମ ୮ ସପ୍ତାହ ଦାନା ଖର୍ଚ୍ଚ - ଟ. ୫,୦୦୦/-

ଉପକରଣ ଓ ରାତ୍ରୀ ଆଶ୍ରୟସ୍ଥଳୀ- ଟ. ୩,୬୦୦/-

**ମୋଟ ଅଟକଳ - ଟ. ୧୨,୫୦୦/-**